# ସୃଜନର ପହିଲି ପୁଲକ

ତରୁଣକାନ୍ତି ମିଶ୍ର

ସୃଜନ-ପ୍ରେରଣା ଏକ ସହଜାତ ପ୍ରବୃତ୍ତି । ପ୍ରତିଟି ମନୁଷ୍ୟ ସୃଜନଶୀଳ, ତା' ନିଜସ୍ୱ ଢଙ୍ଗରେ । ଛୋଟ ଶିଶୁଟିଏ ତା' ଖେଳଘର ଭିତରେ ସୃଜନ-କଳାକୁ ରୂପ ଦେଉଥାଏ, ଭାଙ୍ଗୁଥାଏ ଗଢୁଥାଏ, ପୁଲକିତ ହେଉଥାଏ । ସେ ନୂଆ ରକମର ଛବି ଆଙ୍କେ, ନୂଆ ସୁର କରି, ନୂଆ ନୂଆ ଶବ୍ଦରେ ଗୀତ ଗଢେ, ନୂଆ ଛଟକରେ ନାଚ କରେ । ଆମେ ତା'ର ସେହି ଚିତ୍ର, ଗୀତ, ନାଚ ଅନେକ ସମୟରେ ବୁଝି ହିଁ ପାରୁନାହିଁ । ସେଥିପାଇଁ ଅବଶ୍ୟ ଶିଶୁଟିର ଅଭିଯୋଗ କି ଅଭିମାନ କିଛି ନଥାଏ । ସେ ବିଭୋର ତା'ର ସୃଜନ ସ୍ୱପ୍ନରେ, ସୃଜନର ପୁଲକିତ ଉଚ୍ଛ୍ୱାସରେ ।

ସେ କେବେ କହି ପାରିବ ନାହିଁ କେବେ ଥିଲା ତା'ର ସେହି ପୁଲକର ପ୍ରଥମ କ୍ଷଣ, ପ୍ରଥମ ଆବିର୍ଭାବ । କେହି ଶିଳ୍ପୀ କହି ପାରିବେ ନାହିଁ ତାଙ୍କର ସୃଜନ ଯାତ୍ରାର ପ୍ରଥମ ଚରଣ କିଭଳି ଥିଲା, ପ୍ରଥମ ସ୍ପନ୍ଦନ କିଭଳି ଥିଲା । ମୋତେ ମଧ୍ୟ ଜଣାନାହିଁ ପ୍ରଥମେ କେବେ ମୁଁ ଆକାଶର ମେଘ ଦେଖି ଗୀତ ଗାଇଥିଲି, ସୂର୍ଯ୍ୟାସ୍ତର ଛବି ଆଙ୍କିଥିଲି ।

ପିଲା ଦିନୁ, ଅତି ପିଲାଟି ଦିନୁ, ମୁଁ ଗପ ଲେଖିବାକୁ ମନ ବଳାଇଛି । ପ୍ରଥମେ କେତୋଟି ବାକ୍ୟ, ଅସମ୍ପୂର୍ଣ୍ଣ ଅସଂଲଗ୍ନ ବାକ୍ୟ । ଲେଖିଛି, ଚିରିଛି - ଲେଖିଛି ପଢିଛି ଚିରିଛି ।

ପଞ୍ଚମ ଶ୍ରେଣୀରେ ପଢୁଥିବା ବେଳେ ମୁଁ ମୋର ପ୍ରଥମ ସମ୍ପୂର୍ଣ୍ଣ ଗଳ୍ପଟି ଲେଖିଥିଲି । କାହାଣୀଟି ଗୋଟିଏ ମା' ଛେଉଣ୍ଡ ପିଲାକୁ ନେଇ, ସାବତମା'ର ଅତ୍ୟାଚାରକୁ ନେଇ । ମୋର ସମସ୍ତ ଯତ୍ନ ସତ୍ତ୍ୱେ ଦି' ପୃଷ୍ଠାର ସେହି ଗପଟି ମା'ଙ୍କ ହାତରେ ପଡିଗଲା । ମୁଁ ଖୁବ ଡରିଯାଇଥିଲି, ଭାବିଥିଲି ଘରେ ସମସ୍ତେ ବିରକ୍ତ ହେବେ, ପାଠପଢା ଛାଡି ଏପରି ସମୟ ନଷ୍ଟ ନ କରିବାକୁ ଉପଦେଶ ଦେବେ । ମା' କିନ୍ତୁ ବହୁତ ଖୁସି ହୋଇଥିଲେ, ବାପାଙ୍କ ନୀରବତାରେ ଥିଲା ଉଦାର

ସ୍ୱୀକୃତି । ମା' କହିଥିଲେ, ତୁ  ଗୋଟେ ଲେଖକ ହେଲେ  ମୁଁ ଭାରି ଖୁସି ହେବି । କିନ୍ତୁ ତୁ ଏତେ ଦୁଃଖ ଗପ ଲେଖୁଚୁ କାହିଁକି ? ଖୁସି ଗପ ଲେଖୁନାହୁଁ, ମନ ମତାଣିଆ ଗପ  ?

ଖୁସି ଗପ ବେଶୀ  ମୁଁ ଲେଖିପାରି ନାହିଁ ଜୀବନରେ, ଅଢେଇଶହ ଗଳ୍ପ ଭିତରୁ ପ୍ରାୟ ଦଶଟି ଗଳ୍ପ ଲେଖିଥିବି, ମନକୁ ଉଲୁସାଇ ଦେବା ପରି, ମନକୁ ଉଚ୍ଛୁଳାଇ ଦେବା ପରି । ବାକି ସବୁରେ କିଛି ନା କିଛି ଛାପ  ରହିଛି ଦୁଃଖର, ଅପୂର୍ଣ୍ଣତାର, କିଛି ହଜାଇ ଦେଇ ଥିବାର ।

ହଜି ଯିବାର, ହଜାଇ ଦେବାର କାହାଣୀ ଜୀବନରେ ରହିଛି ଅସଂଖ୍ୟ । ତାହା ହିଁ ଅହରହ ଘାଣ୍ଟି ପକାଉଥାଏ ହୃଦୟକୁ, ଅନ୍ତରାତ୍ମାକୁ ।  ପୂର୍ଣ୍ଣତା ନୁହେଁ, ଅପୂର୍ଣ୍ଣତା ହିଁ ସାହିତ୍ୟର ପ୍ରାଣବିନ୍ଦୁ । ପ୍ରତିଟି ଶିଳ୍ପୀ ତା'ର  ସୃଜନକ୍ରିୟାରେ  ଜୀବନର ଅପୂର୍ଣ୍ଣତାର ଆଭାସ ପାଏ, ତା'କୁ ପୂର୍ଣ୍ଣତା ଦେବାର ପ୍ରୟାସ କରେ ।

ମୋର ପ୍ରଥମ ଗଳ୍ପ ସେହି ଅପୂର୍ଣ୍ଣତାର ମୁଖବନ୍ଧ, ମୋର ପ୍ରଥମ ଗଳ୍ପ-ସଂକଳନ 'ଆବର୍ତ୍ତର ଦୁଇଟି ସ୍ୱର' ଠାରୁ ଆରମ୍ଭ କରି ସଦ୍ୟ ପ୍ରକାଶିତ ବହି 'କେହି ଜଣେ ଏକା ଏକା' ପର୍ଯ୍ୟନ୍ତ ସବୁଥିରେ ସେହି ସ୍ୱରଟି ଉତ୍କୀର୍ଣ୍ଣ ହୋଇ ରହିଛି ।

ମୋର ପ୍ରଥମ ଗପବହି ବାହାରି ଥିଲା ମୁଁ ବିଜେବି କଲେଜରେ  ସ୍ନାତକ ଶ୍ରେଣୀର ଛାତ୍ର ଥିବା ସମୟରେ । ପ୍ରଥମ ଗଳ୍ପ ପ୍ରକାଶ ପାଇଥିଲା ମୋତେ ଯେତେବେଳେ ଚଉଦବର୍ଷ,  ପାଠ ପଢୁଥିଲି ଦଶମ ଶ୍ରେଣୀରେ ।

ଦଶମ ଶ୍ରେଣୀରେ ପଢୁଥିଲା ବେଳେ  ସ୍କୁଲର ସାହିତ୍ୟ ପତ୍ରିକାକୁ ମୁଁ ଗୋଟିଏ ଗପ ଦେଇଥିଲି ।  କିନ୍ତୁ ତାହା ଗ୍ରହଣଯୋଗ୍ୟ ହେଲା ନାହିଁ । ପତ୍ରିକାର ସମ୍ପାଦନା ଦାୟିତ୍ୱରେ ଥିବା ଶିକ୍ଷକ ତାହା ପ୍ରକାଶ କରିବାକୁ ଅଯୋଗ୍ୟ କହି ଫେରାଇଦେଲେ । ମତେ ଭାରି ଦୁଃଖ ଲାଗିଥିଲା, ଅନେକ କଷ୍ଟ କରି ଗପଟି ଲେଖିଥିଲି, ଭାବି ଥିଲି ନୂଆ ରକମର ଗପ, ସାର ବହୁତ

ପସନ୍ଦ କରିବେ । କିଛି ପ୍ରଶଂସା ସୂଚକ ମନ୍ତବ୍ୟର ଶଙ୍କିତ ପ୍ରତ୍ୟାଶା ବି ଥିଲା ମୋ କିଶୋର ହୃଦୟରେ ।

ପ୍ରତ୍ୟାଖ୍ୟାତ ଗଳ୍ପଟି ହାତରେ ଧରି ମୁଁ ଭାବିଥିଲି ଲେଖାଟି କ'ଣ କରିବି ! ଚିରି ଫିଙ୍ଗିଦେବି ? ଆଉଥରେ ଲେଖିବି, ଅଲଗା ଭାବରେ, ଅଲଗା ଚିତ୍ରପଟ ଓ ଚରିତ୍ରକୁ ନେଇ ! ସେହି ଦ୍ୱିଧା ଭିତରେ ମୁଁ ଦିନେ ଗପଟି ପଠାଇ ଦେଇଥିଲି ସେହି ସମୟର ଏକ ସ୍ୱନାମଧନ୍ୟ ପତ୍ରିକା 'ଆସନ୍ତାକାଲି'କୁ । ଅପେକ୍ଷା କରିଥିଲି କେବେ ଗପଟି ଲୋଚାକୋଚା ଲଫାପା ଭିତରେ ସମ୍ପାଦକଙ୍କ ଦପ୍ତରରୁ ଫେରସ୍ତ ଆସିବ ମୋ ପାଖକୁ ।

ଦିନେ ଅଚାନକ ମୁଁ ଦେଖିଲି 'ଆସନ୍ତାକାଲି'ର ପୃଷ୍ଠା ଭିତରେ ଗପଟିଏ । ଗଳ୍ପଟିର ନାମ 'ହେ ପୃଥିବୀର ନାଗରିକ', ଲେଖକର ନାମ ତରୁଣକାନ୍ତି ମିଶ୍ର ।

ଆଖିକୁ ବିଶ୍ୱାସ କରି ପାରିଲି ନାହିଁ । ମୋ ପରି ଜଣେ ଅକିଞ୍ଚନ ଅର୍ବାଚୀନ ବାଳକର ଲେଖା 'ଆସନ୍ତାକାଲି'ର ପୃଷ୍ଠାରେ ! ତାହା ପୁଣି 'କିଶୋର ଜଗତ'ର ପୃଷ୍ଠାରେ ନୁହେଁ, ବରିଷ୍ଠ ଲେଖକଙ୍କ ଗହଳିରେ ।

ମା' ବହୁତ ଖୁସି ହୋଇଯାଇଥିଲେ, ମୋ ବଡଭାଇ, ସାନ ଭଉଣୀ, ଅନ୍ୟ ସମସ୍ତେ । ଘର ଭିତରେ ଓ ବାହାରେ ଅନେକ ପ୍ରଶଂସା ମିଳିଥିଲା, ଅନେକ ଆଶିଷ । ମୁଁ ଜାଣିପାରୁ ନଥିଲି, ସେହି ପ୍ରଶଂସା ଭିତରେ କେତେଥିଲା ନିରପେକ୍ଷ ମୂଲ୍ୟାଙ୍କନ ଓ କେତେ ଥିଲା ସଦୟ ସଦିଚ୍ଛା, ଏକ ମୂଢ଼ କିଶୋର ପାଇଁ ।

ସେହି ସନ୍ଦିଗ୍ଧ ଭାବନା ସତ୍ତ୍ୱେ ମୁଁ ପତ୍ରିକାଟିକୁ ହାତରେ ଧରି ବସି ରହୁଥିଲି ସୁଦୀର୍ଘ ସମୟ, ଅନେକ ବିନିଦ୍ର ରାତିରେ ଉଠିବସି ମୋ ଲେଖାଟିକୁ ଦେଖୁଥିଲି, ପଢୁଥିଲି ଏମିତି ଧ୍ୟାନରେ ଯେମିତି ଏ ଲେଖା ମୋର ନୁହେଁ, ଆଉ କେହି ଲେଖିଛି, କେହି ଜଣେ ଅଚିହ୍ନା ମଣିଷ । ସେହି

ଆବେଶ ଭିତରେ ଆଖିରେ ପଡିଯାଏ ଅନେକ ଭ୍ରାନ୍ତି : ଲେଖାର, ଭାବନାର, ଚରିତ୍ରର । ଅପୂର୍ଣ୍ଣତାର ବିଷାଦ-ମେଘ ଆଚ୍ଛନ୍ନ କରିଦିଏ ହୃଦୟକୁ ।

ସେହି ଅବସୋସ, ସେହି ବ୍ୟର୍ଥତା ମୋତେ ବିମର୍ଷ କରିଦେଇଛି ବାର ବାର, ଥରକୁ ଥର । ଛାତ୍ରଜୀବନରେ କିଛି କିଛି ପୁରସ୍କାର ଭାଗ୍ୟରେ ଜୁଟିଛି । ପୁରସ୍କାର ଜିତିଥିବା ଲେଖାଟିକୁ ମୁଁ ପଢିଛି ତା'ପରେ, ମନେ ହୋଇଛି ଲେଖାଟି ଭଲ ହୋଇ ପାରିଲା ନାହିଁ, କିଛି ଅଭାବ ରହିଗଲା ସେଥିରେ । କିନ୍ତୁ କ'ଣ ନାହିଁ, କ'ଣ ହୋଇ ପାରିଥାଆନ୍ତା, ହେଲା ନାହିଁ - କିଛି ମୁଁ ଠଉରାଇ ପାରେ ନାହିଁ ।

କଲେଜ ପାଠ ସରିବା ପୂର୍ବରୁ ମୁଁ ପଚାଶରୁ ଅଧିକ ଗପ ଲେଖିସାରିଥିଲି, ବହି ମଧ୍ୟ ବାହାରି ସାରିଥିଲା । କିନ୍ତୁ ମତେ ଲାଗୁଥିଲା ମୁଁ ନିଃସ୍ୱ, ମୁଁ ଅସମର୍ଥ । ଚାକିରି ପାଇଁ ପ୍ରସ୍ତୁତ ହେଲି । ବାପା କହିଲେ, ସିଭିଲ ସର୍ଭିସ । ସୌଭାଗ୍ୟ ହେଉ ବା ଦୁର୍ଭାଗ୍ୟ, ପରୀକ୍ଷାରେ ସଫଳତା ଆସିଥିଲା।

ସେଇ ସିଭିଲ ସର୍ଭିସ ପରୀକ୍ଷା ଦେଉଥିବା ସମୟରେ ମୁଁ ଥିଲି ବାଣୀବିହାରର ଛାତ୍ର । ନିୟମିତ ମୁଁ ଭୁବନେଶ୍ୱରରୁ କଟକ ଯାଉଥିଲି, ପରୀକ୍ଷା ହେଉଥାଏ ରେଭେନ୍ସାରେ । ସବୁଥର ବସ କିମ୍ବା ଲୋକାଲ ଟ୍ରେନରେ ଭୁବନେଶ୍ୱରକୁ ଫେରେ । ଦିନେ ସଞ୍ଜରେ, ପରୀକ୍ଷା ଦେଇସାରି ଟ୍ରେନରେ ଫେରୁଥିଲି। ଭାରି କ୍ଳାନ୍ତ ଲାଗୁଥାଏ, ଆଜିର ପରୀକ୍ଷାରେ ଭଲ ହେଲାନି ଭାବି ମନରେ ଗ୍ଳାନି ବି ଆସୁଥାଏ । ଅନ୍ଧାରୁଆ ଦ୍ୱିତୀୟ ଶ୍ରେଣୀ କମ୍ପାର୍ଟମେଣ୍ଟରେ ମୋର ସହଯାତ୍ରୀ ଥିଲେ ତିନିଜଣ ଯୁବକ, ସମସ୍ତେ ମୋ ଠାରୁ ବୟସରେ ବଡ। ସେମାନେ ଅନେକ କଥା ଗପିଥିଲେ । ଶେଷରେ ଗଳ୍ପ ବିଷୟରେ : ଓଡିଆ ଗଳ୍ପ । ସେମାନଙ୍କ ଭିତରୁ ଜଣେ କହିଥିଲା, ବହୁତ ଦିନ ତଳେ, ସାତ ଆଠ ବର୍ଷ ତଳେ, ମୁଁ ଗପ ଖଣ୍ଡେ ପଢିଥିଲି, ଭାରି ଭଲ ଗପଟି, 'ଆସନ୍ତାକାଲି'ରେ ବାହାରିଥିଲା ।

ଗପଟିର ସାରାଂଶ ସେ ତା'ପରେ ଦଶଧାଡିରେ କହିଥିଲା । ଜଣେ ବୈଜ୍ଞାନିକ ଜେଲରେ ଥାଇ ଏକ ସ୍ୱୀକାରୋକ୍ତି ଲେଖିଛନ୍ତି, ଫାଶୀଖୁଣ୍ଟରେ ଝୁଲିବା ଆଗରୁ । ତାଙ୍କର ପ୍ରଶ୍ନ, ଏକ ବୈଜ୍ଞାନିକ ସତ୍ୟର ପରିପୁଷ୍ଟି ପାଇଁ ଯଦି ସେ ତାଙ୍କ ସ୍ତ୍ରୀଙ୍କ ଜୀବନକୁ ବଳି ଦେଇଥାନ୍ତି, ତାହା ଠିକ କି ଭୁଲ ?

ସେ ଗପଟି କହିବା ସମୟରେ କମ୍ପାର୍ଟମେଣ୍ଟର ଆଲୁଅ ନିଷ୍ପ୍ରଭ ହୋଇ ଆସିଥିଲା; ନିକଟ ହୋଇ ଆସୁଥିଲା ବାରଙ୍ଗ ଷ୍ଟେସନ । ଜଣେ ସାଙ୍ଗ କହିଥିଲା, ଭଲ ଗପଟିଏ ତ ! କିଏ ଲେଖଚି ?

ଯୁବକଟି କହିଥିଲା : କିଏ ଲେଖିଚି କହି ପାରିବି ନାହିଁ, କିନ୍ତୁ ଗପର ନାଆଁଟି ମନରେ ଅଛି । ଗପର ନାଆଁ 'ହେ ପୃଥିବୀର ନାଗରିକ' ।

***